# ପିଲାଙ୍କ ଧରିତ୍ରୀ

ଶନିବାର ,୧୬ ସେପ୍ଟେମ୍ବର, ୨୦୨୩





୭ କବିତା

୮ ଆଇନା

୭ ଜଣା ଅଜଣା

# ଖିଲି ଖିଲି ହସ

(ଶିକ୍ଷକ–ରାଜୁ ମଧ୍ୟରେ କଥାବାର୍ତ୍ତା)
ଶିକ୍ଷକ : ଆଚ୍ଛା ରାଜୁ! କହିଲୁ, ତୁ ଏମିତି କେଉଁ କାମ କରିନୁ ଯାହା ପାଇଁ ଦଣ୍ଡ ମିଳିବ ନାହିଁ।
ରାଜୁ– ସାର୍, ଏହାର ଉତ୍ତର ଅତି ସହଜ। ଆଜି ମୁଁ ମୋର ହୋମୱର୍କ କରିନି।

ବାପା–ଦୀପୁ, ନେ ଦୁଇ ହଜାର ଟଙ୍କା।
ରାଜୁ–ବାପା, କ'ଣ ପାଇଁ ଆପଣ ମୋତେ ଦୁଇ ହଜାର ଟଙ୍କା ଦେଲେ ?
ବାପା– ପୁଅ, ଏଇଟା ତୋ ପରିଶ୍ରମର ଫଳ। କାରଣ ଯେବେଠୁ ତୁ ହ୍ୱାଟ୍ସଆପ୍ ବ୍ୟବହାର କଲୁଣି, ସେବେଠୁ ମୁଁ ସିକ୍ୟୁରିଟି ରଖିନି।

ପପୁ ରୁଟି ଛିଣ୍ଡାଇ ଖଣ୍ଡେ ଖଣ୍ଡେ ଖାଉଥିଲା ଆଉ ପାଖରେ ବସି ଗୋଟିଏ କୁକୁଡ଼ାକୁ ଖୁଆଉଥିଲା। ଏହା ଦେଖି ବାପା ପଚାରିଲେ, କ'ଣ କରୁଛୁ ?
ପପୁ: ବାପା,ମୁଁ ଚିକେନ୍ ସହ ରୁଟି ଖାଉଛି।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com



# କହ୍ନେଇର ଉପବାସ

ଗପ

ଆଜି ଗଣେଶ ପୂଜା। ମା' କହିଛନ୍ତି ବିଦ୍ୟାର୍ଥୀମାନଙ୍କର ଏହା ପ୍ରଧାନ ବ୍ରତ। ପୂଜା ନ ସରିବାଯାଏ ଉପାସ ରହିବାକୁ ହେବ। କହ୍ନେଇ ଆଦୌ କିଛି ଖାଇବ ନାହିଁ। କହ୍ନେଇ ସେଦିନ ସକାଳୁ ତରବର ହୋଇ ଗାଧୋଇ ପଡ଼ିଲା। ନୂଆ ଡ୍ରେସ୍ ପିନ୍ଧି ଭୋଗଡାଲା ନେଇ ସ୍କୁଲକୁ ବାହାରି ପଡ଼ିଲା। ସାଙ୍ଗରେ ଚିଣ୍ଟୁ, ଟିଙ୍କିନା, ବବୁଲ ଏମିତି କେତେ ସାଙ୍ଗ ବି ଗଲେ। ସମସ୍ତେ ସ୍କୁଲରେ ପହଞ୍ଚିଲେ। ପୂଜା ପାଇଁ ସବୁ ଆୟୋଜନ ସରିଥାଏ, କିନ୍ତୁ ପୂଜା କରିବା ପାଇଁ ପୁରୋହିତ ଆସି ନ ଥା'ନ୍ତି।

ସ୍କୁଲ ପରିସରରେ ପିଲାମାନେ ଖେଳାବୁଲା କରୁଥା'ନ୍ତି। ଏହି ସମୟରେ ଜଣେ ଚଟ୍‌ପଟିବାଲା କେଉଁଠି ଥିଲା କେଜାଣି ସ୍କୁଲ ଗେଟ୍ ପାଖରେ ଆସି ଛିଡ଼ା ହେଲା। ପିଲାମାନେ ତା' ପାଖରୁ କିଛି ଖାଇବା ପାଇଁ ସଙ୍ଗେ ସଙ୍ଗେ ଭିଡ଼ ଲଗାଇଦେଲେ। କହ୍ନେଇ ସବୁ ଦେଖୁଥାଏ। ଉପବାସ ରହିଥିବାରୁ ତାକୁ ପ୍ରବଳ ଭୋକ ଲାଗୁଥାଏ। ସେ ଦେଖିଲା ତା' ସାଙ୍ଗ ଚିଣ୍ଟୁ ଓ ବବ୍‌ଲୁ ବି ଚଟ୍‌ପଟି ଖାଇ ପାଣି ପେଟେ ପିଇ ସାରିଲେଣି। କେହି ବି ଗଣେଶ ପୂଜାରେ ଉପବାସ କଥା ଭାବିଲେ ନାହିଁ।

କହ୍ନେଇ ଭାବିଲା ଗଣେଶ ପୂଜା ତ ବିଦ୍ୟାର୍ଥୀମାନେ ନିଷ୍ଠାର ସହ କରିବା ଦରକାର। ମା' କହିଛନ୍ତି ଏହି ବ୍ରତ କଲେ ବିଦ୍ୟାର୍ଥୀମାନଙ୍କୁ ସବୁ ସଫଳତା ମିଳେ। କିନ୍ତୁ ଏକଥା କେହି ମାନିଲେ ନାହିଁ। ଏମିତିକି ଟିଙ୍କିନା ଯିଏ କି ତା'ଠୁ ଅଧିକ ମାର୍କ ରଖିଥିଲା ସେ ବି ଉପବାସ କଲା ନାହିଁ। ତେବେ ସେ ଉପବାସ କଲେ ତା'ଠାରୁ ଅଧିକ ନମ୍ବର କ'ଣ ରଖିପାରିବ! ଏଭଳି କେତେ କଥା ତା' ମନକୁ ଆସିଲା।

ଏମିତି ଭାବନା ଭିତରେ ସେ ଚିନ୍ତା କଲା କି ଚଟ୍‌ପଟିବାଲାକୁ ସ୍କୁଲ ପାଖରୁ ଦୂରେଇ ଦେଲେ ଆଉ ଖାଇବାକୁ ଇଚ୍ଛା ହେବ ନାହିଁ। ତେଣୁ ସେ ସାର୍‌ଙ୍କ ପାଖକୁ ଯାଇ କହିଲା ଯେ, ପୂଜା ପାଇଁ ସଫାସୁତୁରା ହୋଇଥିବାବେଳେ ଚଟ୍‌ପଟିବାଲା ଆସି ଗେଟ୍ ପାଖରେ ଅପରିଷ୍କାର କରୁଛି। ଏକଥା ଶୁଣି ସାର୍ ଚଟ୍‌ପଟିବାଲାକୁ ଚାଲିଯିବାକୁ କହିଲେ। ଏହାପରେ କିଛି ପିଲାଙ୍କୁ କହ୍ନେଇ ବୁଝାଇଲା ଯେ, ଓଷା ବ୍ରତରେ ଉପବାସ କରି ସାତ୍ତ୍ୱିକ ଭୋଜନ କଲେ ମନକୁ ଶାନ୍ତି ମିଳେ ଓ ପ୍ରଭୁଙ୍କ କୃପା ମିଳେ। କିନ୍ତୁ ତା' କଥା ଶୁଣି କିଛି ପିଲା ତାକୁ ଥଟ୍ଟା କଲେ। ତେଣୁ ମନ ଦୁଃଖରେ ସେ ପୂଜା ସରିବା ପରେ ଘରକୁ ଫେରି ଆସିଲା।

ଘରେ ତାକୁ ତା' ମାଆ ସାନ୍ତ୍ୱନା ଦେଇ କହିଲେ– ଅନ୍ୟମାନଙ୍କ କାମରେ ତୁ ପ୍ରଭାବିତ ନ ହୋଇ ନିଜ କାମ ଠିକ୍ ଭାବରେ କର। ପୂଜା ସରିଲାଣି। ଏବେ ଖାଇ ଦେଇ ବିଶ୍ରାମ କର। ଏହାପରେ କହ୍ନେଇ ସେଦିନ ରାତିରେ ପ୍ରଭୁ ଗଜାନନଙ୍କୁ ସ୍ୱପ୍ନ ଦେଖିଲା କି ପ୍ରଭୁ ତାକୁ ଆଉଁଶି ଦେଇ କହୁଛନ୍ତି, ନିଷ୍ଠାପର ଭାବେ ଯେଉଁମାନେ ନିଜ କର୍ମ କରନ୍ତି, ସେମାନଙ୍କ ସହିତ ସେ ସବୁବେଳେ ରହିଥା'ନ୍ତି। ତେଣୁ ତାକୁ ତା' କର୍ତ୍ତବ୍ୟ ନିଷ୍ଠାର ଫଳ ଅବଶ୍ୟ ମିଳିବ।

ହଠାତ୍ କହ୍ନେଇର ନିଦ ଭାଙ୍ଗିଗଲା। ତା'ପରେ ସେ ହାତଯୋଡ଼ି ପ୍ରଭୁଙ୍କୁ ପ୍ରମାଣ ଜଣାଇଲା। ଏହା ପରଠାରୁ ସେ ସବୁବେଳେ ନିଷ୍ଠାର ସହ ନିଜ କାମ କଲା ଓ ଭଲପାଠ ପଢ଼ିଲା। ଏମିତିକି ପରୀକ୍ଷାରେ ସମସ୍ତଙ୍କଠାରୁ ଅଧିକ ନମ୍ବର ବି ରଖିଲା।

–ତନ୍ମୟ କୁମାର ମିଶ୍ର
ରାଜକନିକା, କେନ୍ଦ୍ରାପଡ଼ା, ମୋ: ୯୮୬୧୯୬୨୭୬୦

# ସୁପର ପାୱାର ପିମ୍ପୁଡ଼ି

ଛୋଟ ଜଣାପଡୁଥିଲେ ବି ପିମ୍ପୁଡ଼ିର ସ୍ୱତନ୍ତ୍ର ଶକ୍ତି ଅଛି। ଶତ୍ରୁକୁ ଆକ୍ରମଣ କରିବା ଓ ନିଜ ପ୍ରାଣ ରକ୍ଷା କରିବାର ବିଚକ୍ଷଣ କୌଶଳ ଏମାନଙ୍କୁ ଜଣା। ସେଥିପାଇଁ ପିମ୍ପୁଡ଼ିକୁ ଅନେକ ସୁପରପାୱାର ବି କହନ୍ତି।



- ପିମ୍ପୁଡ଼ି ନିଜ ଓଜନଠାରୁ ୫୦ଗୁଣ ଅଧିକ ଓଜନ ଜିନିଷ ଉଠାଇ ପାରନ୍ତି। କେତେକ ପ୍ରକାରର ପିମ୍ପୁଡ଼ି ନିଜ ଓଜନର ୫୦୦୦ ଗୁଣ ଅଧିକ ଜିନିଷ ବୋହି ନେଇପାରନ୍ତି।
- ପିମ୍ପୁଡ଼ିଙ୍କ ମାଂସପେଶୀ ତାଙ୍କ ଶରୀରକୁ ସହାୟତା କରି ନ ଥାଏ। ସେମାନଙ୍କ ଅସ୍ଥି ଶରୀରର ବାହାରେ ରହିଥାଏ। ତେଣୁ ମାଂସପେଶୀ ସାହାଯ୍ୟରେ ସେମାନେ ଜିନିଷ ଉଠାଇଥାନ୍ତି।
- ଧଳା ପିମ୍ପୁଡ଼ି ନିଜ ଶରୀରର ଲମ୍ବ ତୁଳନାରେ ୧ ସେକେଣ୍ଡରେ ୧୦୦ଗୁଣ ଅଧିକ ଗତିରେ ଚାଲିପାରନ୍ତି। ଅର୍ଥାତ୍ ମଣିଷ ଏହି ଗତିରେ ଚାଲିରେ ଘଣ୍ଟାକୁ ୭୨୦ କିଲୋମିଟର ଦୂର ଅତିକ୍ରମ କରିପାରିବ। ସେଥିପାଇଁ ପିମ୍ପୁଡିକୁ ସବୁଠୁ ଦ୍ରୁତ ଗତିରେ ଚାଲୁଥିବା ପ୍ରାଣୀଙ୍କ ମଧ୍ୟରେ ସାମିଲ କରାଯାଇଛି।
- ପୃଥିବୀ ପୃଷ୍ଠରେ ପିମ୍ପୁଡିଙ୍କ ସଂଖ୍ୟା ସର୍ବାଧିକ। ବିଭିନ୍ନ ପ୍ରକାରର ପ୍ରାୟ ୨୦ ଲକ୍ଷ କୋଟିରୁ ଅଧିକ ସଂଖ୍ୟାରେ ପିମ୍ପୁଡି ଅଛନ୍ତି। ପିମ୍ପୁଡିଙ୍କ ଭଳି ଅନ୍ୟ କୌଣସି ଜୀବ ଏତେ ସଂଖ୍ୟାରେ ନାହାନ୍ତି।
- ପିମ୍ପୁଡ଼ି ଚାହିଁଲେ ଆକ୍ରମଣ କରି ସେମାନଙ୍କଠାରୁ ବଡ଼ ଜୀବଙ୍କୁ ବି ହରାଇ ପାରନ୍ତି। ଝିଟିପିଟି, ବେଙ୍ଗ ଓ ବିଛାଙ୍କୁ ଆକ୍ରମଣ କରି ଖାଇ ବି ଦିଅନ୍ତି।
- ଦକ୍ଷିଣ ଆମେରିକାର ବୁଲେଟ ପିମ୍ପୁଡି ସବୁଠୁ ବିଷାକ୍ତ। ଏମାନେ କାମୁଡିବା ମାତ୍ରେ ସଙ୍ଗେ ସଙ୍ଗେ ଭୀଷଣ ଯନ୍ତ୍ରଣା ଅନୁଭୂତ ହୋଇଥାଏ।
- ପିମ୍ପୁଡିଙ୍କୁ ସେମାନଙ୍କ ଦଳପତି ବା କୌଣସି ଜଣେ ନେତାଙ୍କର ଆବଶ୍ୟକ ହୋଇ ନ ଥାଏ। ଏମାନେ ସମୂହ ଏକାଠି ନିଷ୍ପତ୍ତି ନେଇ ସବୁ କାମ କରନ୍ତି।

# ମତାମତ

ଅଜା ଆଣିଛନ୍ତି ଧରିତ୍ରୀ ପେପର ଶନିବାର ଆଜି ପିଲେ,
ପିଲାଙ୍କ ଧରିତ୍ରୀ ପଢିବା ଆସ ବସି କରି ସାଙ୍ଗ ମେଳେ।
ପ୍ରଥମେ ଦେଖିବା ଆଇନା ଫରଦେ ଭଉଣୀ ଭାଇଙ୍କ ମୁହଁ,
ଖୁସି ହୋଇ ଯିବା ତାଙ୍କ ମୁହଁ ଦେଖି କିଏ ଭଲା ସିଏ କୁହ।
ଗପ କବିତା ପଢିବା ମିଶି ପିଲାଙ୍କ ଧରିତ୍ରୀ କୋଳେ,
ସବୁଥିରେ ଶିକ୍ଷା ଗ୍ରହଣ କରିବା ଏକଥା ନ ଭୁଲ ପିଲେ।
ପଢା ଅଭ୍ୟାସ ରଖିଥିବା ସଦା ପେପର ହେଉକି ବହି,
ପଢିଲେ ସିନା ଦେଶର ଖବର ଜାଣିବା ନିଇତି ଭାଇ।
ଜାଣିଲେ ଜିଣିବା ସବୁ ବିଷୟ ଅନ୍ୟକୁ ଜଣାଇ ଦେବା,
ପିଲାଙ୍କ ଧରିତ୍ରୀ ଭଲରେ ପଢି ଅସଲ ମଜା ନେବା।

–ପ୍ରଦୀପ କୁମାର ନାଏକ
ହାତୀସରା, ଦେଓଗାଁ, ବଲାଙ୍ଗୀର

## ରଙ୍ଗ ଦିଅ



ସ୍କୁଲରେ ଗଣେଶ ପୂଜା ଆୟୋଜନ କରିବାରେ ପିଲାମାନେ ହିଁ ନେଇଥା'ନ୍ତି ମୁଖ୍ୟ ଭୂମିକା। ବିଦ୍ୟାଦାତାଙ୍କ ପୂଜାର୍ଚ୍ଚନା ନିମନ୍ତେ ପିଲାମାନଙ୍କର କିଭଳି ଉତ୍ସାହ ରହିଛି ସେନେଇ ସ୍ୱତନ୍ତ୍ର ଉପସ୍ଥାପନା।



# ପୂଜା ଆସିଛି

ପାଖେଇ ଆସୁଛି ଗଣେଶ ପୂଜା। ଏଥିପାଇଁ କେତେ କ'ଣ ପ୍ରସ୍ତୁତି। ପ୍ରାୟ ସବୁ ଅନୁଷ୍ଠାନ ତଥା ଘର ଓ ବିଦ୍ୟାଳୟରେ ଅଗ୍ରପୂଜ୍ୟଙ୍କୁ ଆବାହନ କରାଯାଏ। ତେବେ ଅନ୍ୟ ସବୁ ସ୍ଥାନ ତୁଳନାରେ ସ୍କୁଲରେ ଗଣେଶ ପୂଜାର ଏକ ନିଆରା ମଜା ଥାଏ। ଏହି ପୂଜା ପାଇଁ ପିଲାମାନଙ୍କ ମନରେ ଥାଏ ସ୍ୱତନ୍ତ୍ର ଉତ୍ସାହ। ପିଲାମାନେ ନିଜ ହାତରେ ସ୍କୁଲ ଘର ସଫା କରିବା, ଘର ସଜାଇବା, ଫୁଲ ତୋଳି ଆଣିବା ଆଦି ସବୁ କାମ ଢେର୍ ଆନନ୍ଦରେ କରିଥା'ନ୍ତି। ଅବଶ୍ୟ ଆଜିକାଲି ଆଇନକାନୁନ ଯୋଗୁଁ ହୁଏତ ସ୍କୁଲ ପିଲାମାନଙ୍କର ଏସବୁ କାମ କିଛିଟା ପରିବର୍ତ୍ତନ ହୋଇଛି ତଥାପି ପୂଜା ପାଇଁ ଭିନ୍ନ ଆକର୍ଷଣ ରହିଛି। ପ୍ରତିବର୍ଷ ସ୍କୁଲରେ ଗଣେଶ ପୂଜା ହେଉଥିଲେ ବି ସବୁ ବର୍ଷ ପୂଜା ଅନୁଭୂତି ନିଆରା ଲାଗିଥାଏ। ଏ ସମ୍ପର୍କରେ କ'ଣ କୁହନ୍ତି ଏମାନେ...

## ସ୍କୁଲରେ ପୂଜାର ମଜା ଅଲଗା

ଗଣେଶ ପୂଜା ପାଇଁ ଆମେ ସମସ୍ତେ ମିଶି ସବୁକିଛି ଆୟୋଜନ କରିଛୁ। ସବୁବର୍ଷ ଭଳି ଏବର୍ଷ ବି ସୁନ୍ଦର ଭାବରେ ପତାକା କାଟି ଲଗାଇଛୁ। ସ୍କୁଲ ପାଖରେ ଅଳ୍ପ ଦୂରରେ ଜଣେ ମୂର୍ତ୍ତି କାରିଗରଙ୍କୁ ଆଡ୍‌ଭାନ୍ସ ଟଙ୍କା ଦେଇଛୁ। ଏହା ବାଦ୍ ସବୁ କାମ କେମିତି ହେବ ସେଥିପାଇଁ ସବୁ ପିଲାଙ୍କ ମଧ୍ୟରେ କାମ ସବୁ ବାଣ୍ଟି ଦେଇଛୁ। ବିଘ୍ନବିନାଶନଙ୍କ ପୂଜାକୁ ଆମେ ଧୁମ୍‌ଧାମ୍‌ରେ କରିବୁ ବୋଲି ସବୁ ପ୍ରସ୍ତୁତି କରିଛୁ। ଭୋଜି ବି ହବ, ତେଣୁ ସେ କାମ ବି ଆମେ ସମସ୍ତେ ମିଳିମିଶି କରୁଛୁ। ସ୍କୁଲରେ ପୂଜା କରିବାର ଏହି ଅନୁଭୂତି ଅନ୍ୟ କେଉଁଠି ବି ମିଳିବ ନାହିଁ।

**-କ୍ଷୀରାବ୍ଧି ତନୟା ନାଥ**
କ୍ଲାସ- ୧୦, ଓଡିଏମ୍ ଗ୍ଲୋବାଲ ସ୍କୁଲ, ଭୁବନେଶ୍ୱର



## ନୂଆ ଡ୍ରେସ୍ ପିନ୍ଧି ଭୋଗ କରିବି



ଗଣେଶ ପୂଜା ପାଇଁ ମୋର ନୂଆ ଡ୍ରେସ୍ ଆସିଛି। ସେଦିନ ଆଉ ସ୍କୁଲ ୟୁନିଫର୍ମ ପିନ୍ଧିବାକୁ ପଡ଼ିବନି। ତା' ଛଡ଼ା ସ୍କୁଲ ଯିବା ପୂର୍ବରୁ ପ୍ରଥମେ ଘରେ ଗଣେଶଙ୍କ ପାଖରେ ପୁଷ୍ପାଞ୍ଜଳି ଦେଇ ମୁଁ ଘର ପାଖରେ ଥିବା ସାଙ୍ଗ ଘରକୁ ଯିବି। ସେଉଠୁ ଆମେ ଦୁଇଜଣ ଏକାଠି ହୋଇ ସ୍କୁଲକୁ ଯିବୁ। ସ୍କୁଲରେ ଠାକୁରଙ୍କ ପାଖରେ ନୂଆ ପେନ୍‌ସିଲ୍ ପୂଜା କରିବି ଆଉ ମା' କହିଛି ନଡ଼ିଆ ଓ ଫଳ ବି ଭୋଗ କରିବାକୁ ଦେବ। ସେଦିନ ପାଠ ପଢ଼ିବାକୁ ହୁଏନି ଆଉ ସାଙ୍ଗମାନଙ୍କ ସହ କେବଳ ସମୟ କଟାଇ ବେଶ୍ ଖୁସି ଲାଗେ।

**-ଶ୍ରେୟାନ ସ୍ୱସ୍ତିକ,** କ୍ଲାସ-୫, ଷ୍ଟିୱାର୍ଟ ସ୍କୁଲ, ଭୁବନେଶ୍ୱର

## ମେଢ଼ ଦେଖିବାକୁ ଯିବି



ଆମ ସ୍କୁଲରେ ଗଣେଶ ପୂଜା ପାଇଁ କେତେ ପ୍ରକାରର ପ୍ରସ୍ତୁତି ହୋଇଛି। କିନ୍ତୁ ଏଥର ସ୍କୁଲ ପୂଜା ତୁଳନାରେ ମୋର ବାପାଙ୍କ ସଙ୍ଗେ ବୁଲାବୁଲିର ବେଶୀ ଆକର୍ଷଣ ରହିଛି। କାହିଁକିନା ସ୍କୁଲରେ ପୂଜା ସାରି ଫେରିବା ପରେ ଆମେ ସମସ୍ତେ ବୁଲିବାକୁ ଯିବୁ। ଘରେ ବାପା, ମାମା ଓ ମୋ ଭଉଣୀ ସହ ମିଶି ପାରାଦୀପ ଗଣେଶ ପୂଜା ଦେଖିବାକୁ ଯିବୁ। ସେଠି ବାପାଙ୍କର ଜଣେ ସାଙ୍ଗ ଅଛନ୍ତି, ତାଙ୍କ ସହିତ ଆମେ ବୁଲିବୁ। ଆଉ ବୁଲାବୁଲି ସାରି ସେଠି ସେଦିନ ରାତିରେ ରହି ତା' ପରଦିନ ଫେରିବୁ। ସେଠି ଗଣେଶ ପୂଜା ଆଉ ମେଢ଼ ଓ ସାଜସଜ୍ଜା ବହୁତ ସୁନ୍ଦର ବୋଲି ବାପା କହୁଥିଲେ। ତେବେ ଯେତେ ବୁଲାବୁଲି କଲେ ବି ସାଙ୍ଗମାନଙ୍କ ସହ ସ୍କୁଲରେ ସମୟ କଟେଇବାକୁ ବେଶି ଭଲ ଲାଗେ।

**-ଅୟସକାନ୍ତ ସାହୁ,** କ୍ଲାସ- ୬, କେନ୍ଦ୍ରୀୟ ବିଦ୍ୟାଳୟ, ପୁରୀ

## ସାଙ୍ଗ ଘରକୁ ଯିବି



ପୂଜା ପାଇଁ ମୁଁ ସ୍କୁଲକୁ ଭୋଗ ସହିତ ମୋର ପେନ୍‌ସିଲ୍ ବି ପୂଜା କରିବାକୁ ନେବି। ସେଦିନ ତ ଆଦୌ ପଢ଼ାପଢ଼ି ନ ଥାଏ। ସ୍କୁଲ, ଟ୍ୟୁଶନ୍ ସବୁ ଛୁଟି। ସେଥିପାଇଁ ଖାଲି ନୂଆ ଡ୍ରେସ୍ ପିନ୍ଧି ସଜବାଜ ହୋଇ ସାଙ୍ଗ ଘରକୁ ବୁଲିବାକୁ ଯିବା ସହ ସ୍କୁଲକୁ ଯିବୁ। ସ୍କୁଲରେ ସକାଳ ପୂଜା ପରେ ସେଠି ପୁଷ୍ପାଞ୍ଜଳି ଦେଇ ତାପରେ ଭୋଜି ଖାଇ ଫେରିବୁ। ଗଣେଶ ପୂଜା ଦିନ ଆମ ଘର ପାଖରେ ଦି'ଜଣଙ୍କ ଦୋକାନରେ ବି ପୂଜା ହୁଏ। ସେଠି ଦିନସାରା ଗୀତ ବାଜେ ଆଉ ସେମାନେ ଆମ ଘରକୁ ବି ଭୋଗ ଦେବାକୁ ଆସନ୍ତି।

**-ସ୍ୱସ୍ତିକ ସାହୁ,** କ୍ଲାସ-୪, ବ୍ରଜସୁନ୍ଦର ନୋଡାଲ ସ୍କୁଲ, ଆଳି, କେନ୍ଦ୍ରାପଡା

## ପୂଜା ପ୍ରସ୍ତୁତି ଆମ ଦାୟିତ୍ୱ



ଆମ ସ୍କୁଲରେ ଗଣେଶ ପୂଜା ମିଟିଂ ହେବା ପରେ ସମସ୍ତଙ୍କୁ ଅଲଗା ଅଲଗା ଦାୟିତ୍ୱ ଦିଆଯାଇଛି। ଆମ କ୍ଲାସର ଚାରି ଜଣ ମିଶି ଘରସଜ୍ଜା କାମ କରିବୁ ଆଉ ସକାଳ ଆଠଟା ପୂର୍ବରୁ ମୂର୍ତ୍ତି ଆଣିବା ଦାୟିତ୍ୱ ବି ଆମର। ମୂର୍ତ୍ତି ପାଇଁ ଆମେ ସ୍କୁଲ ପାଖରେ ଥିବା ବଜାରକୁ ଯାଇ ଗୋଟେ ଦୋକାନରେ କଥାବାର୍ତ୍ତା କରିଛୁ। ଆଉ ପୂଜା ପାଇଁ ସ୍କୁଲର ଏକ ରୁମ୍‌କୁ ଭଲଭାବେ ସଜାଇ ଦେଇଛୁ। ସୁନ୍ଦର ଡିଜାଇନ୍‌ରେ ପତାକା କାଟି ଲଗାଇ ଦେଇଛୁ। ଆମେ ଆମ କାମ ଆଗୁଆ କରିଦେଇଛୁ ବୋଲି ଘରକୁ ତାଲା ପକାଇ ରଖିଛୁ। ପୂଜାର ଠିକ୍ ପୂର୍ବଦିନ ଘର ଧୁଆ ହେବ ଆଉ ପୂଜା ସାମଗ୍ରୀ କିଣା ହୋଇ ଆସିବା ପରେ ସେହିଠାରେ ରହିବ। ପୂଜା ଦିନ ସକାଳ ୮ଟା ବେଳକୁ ବିଘ୍ନରାଜଙ୍କ ମୂର୍ତ୍ତି ଆସି ସ୍କୁଲରେ ପହଞ୍ଚିବ। ତାପରେ ପୂଜା କାମ ହବ।

**-ଅଙ୍କିତା ମହାପାତ୍ର,** କ୍ଲାସ-୧୦, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କଳାପଥର, ବାଙ୍କି, କଟକ






୧



୨



୩



୪



୫



୬



୭



୧
**ଆଦିତ୍ୟ ଘୋଷ**
କ୍ଲାସ-୧, ଡିଏଭି
ପବ୍ଲିକ ସ୍କୁଲ,
ପୁରୀ



୨
**ଏମ୍. ଟି. ଆଶୁତୋଶ**
କ୍ଲାସ-୬, ମଡେଲ
ପବ୍ଲିକ ସ୍କୁଲ,
କୁଜଙ୍ଗ,
ଜଗତସିଂହପୁର



୩
**ଅରିନ୍ଦମ୍ ପଣ୍ଡା**
କ୍ଲାସ- ୯,
ଡୁନ୍ ଇଣ୍ଟରନାଶନାଲ୍
ସ୍କୁଲ, ସିଜୁଆ,
ଭୁବନେଶ୍ୱର



୪
**ସ୍ୱୟଂଭବ ମହାନ୍ତି**
କ୍ଲାସ- ୬,
ଷ୍ଟିୱାର୍ଟ
ସ୍କୁଲ,
ଭୁବନେଶ୍ୱର



୫
**ସାଇ ଅରୋସ୍ମିତ୍ ବିଶ୍ୱାଳ**
କ୍ଲାସ- ୬, ଆର୍ଯ୍ୟଭର୍ଟ
ଆନ୍ସିଏଣ୍ଟ
ଆକାଡେମୀ, ଖୋର୍ଦ୍ଧା




୬
**ଆଦିତ୍ୟ ଦାଶ**
କ୍ଲାସ- ୧୦,
ବାଟମଙ୍ଗଳା ସରକାରୀ
ଉଚ୍ଚ ବିଦ୍ୟାଳୟ,
ଗୋପାଳପୁର



୭
**ଶିବାଂଶୀ ଦାଶ**
କ୍ଲାସ-୧, ସେଣ୍ଟ
ଜୋଶେଫ
ଗାର୍ଲସ ହାଇସ୍କୁଲ,
କଟକ



୮
**ଆରାଧ୍ୟା ମିଶ୍ର**
କ୍ଲାସ-୪, ସେଣ୍ଟ
ଜାଭିୟର୍ସ
ହାଇସ୍କୁଲ, ଖଣ୍ଡଗିରି,
ଭୁବନେଶ୍ୱର



୮

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# କମ୍ ସମୟରେ ପିରିୟଡିକ୍ ଟେବୁଲ

ଆଗ୍ରହରେ କୌଣସି କାମ କଲେ ସଫଳତା ନିଶ୍ଚୟ ମିଳିଥାଏ। ଏହାର ଏକ ଉଦାହରଣ ହେଉଛନ୍ତି ଫଜିଲା ତବସମ୍ ଶେଖ୍। ମାତ୍ର ୧ ମିନିଟ୍ ୪୩ ସେକେଣ୍ଡରେ ପିରିୟଡିକ୍ ଟେବୁଲ ସଜାଡ଼ି ସେ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରି ଦେଇଛନ୍ତି। ଏତେ କମ୍ ବୟସରେ ସବୁଠୁ କମ୍ ସମୟରେ ପିରିୟଡିକ୍ ଟେବୁଲ ସଜାଡ଼ି ପାରିଥିବାରୁ ସେ ଗିନିଜ୍ ରେକର୍ଡ କରି ପାରିଛନ୍ତି।




ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ଜିଲାର ଚିଲକପୁରୀପେଟ୍‌ରେ ରହନ୍ତି ଫଜିଲା। ତାଙ୍କ ବାପା ଶେଖ୍ ରହିମ୍ ହେଉଛନ୍ତି ଜଣେ ଶିକ୍ଷକ। ଆରମ୍ଭରୁ ହିଁ ଫଜିଲା ଗଣିତ କଷିବାକୁ ଭଲପାଆନ୍ତି। ତେଣୁ ଖୁବ୍‌ଶୀଘ୍ର ସେ ଗଣିତ ସବୁ ନିର୍ଭୁଲଭାବେ କରି ଦେଉଥିଲେ। ତାଙ୍କର ବିଚକ୍ଷଣ ପ୍ରତିଭା ଜଣାପଡ଼ିଲା ଯେତେବେଳେ ସେ ପିରିୟଡିକ୍ ଟେବୁଲକୁ ଖୁବ୍ ସମୟରେ ସଜାଡ଼ି ଦେଇଥିଲେ। ଫଜିଲା ପ୍ରଥମେ ଏକ କଲେଜର କାର୍ଯ୍ୟକ୍ରମରେ ଭାଗ ନେଇ ମାତ୍ର ୧ ମିନିଟ୍ ୫୭ ସେକେଣ୍ଡରେ ପିରିୟଡିକ୍ ଟେବୁଲ ସଜାଡ଼ି ଦେଇଥିଲେ। କିନ୍ତୁ ଗିନିଜ୍ ରେକର୍ଡର ଅଧିକାରୀଙ୍କ ପାଖରେ ସେ ଏହି କାମକୁ ମାତ୍ର ୧ ମିନିଟ୍ ୪୩ ସେକେଣ୍ଡରେ ପୂରା କରି ଦେଇଥିଲେ। ଫଜିଲାଙ୍କର ଏହି ଚ୍ୟାଲେଞ୍ଜ ପାଇଁ ଏବେ ସେ ଗିନିଜ୍ ରେକର୍ଡର ଅଧିକାରୀ ହେବା ସହିତ ଅନେକଙ୍କ ପାଇଁ ପ୍ରେରଣା ହୋଇ ପାରିଛନ୍ତି।

## ଶିଳ୍ପୀ ବିଶ୍ୱକର୍ମା

ଶିଳ୍ପୀମାନଙ୍କର କୁଳଦେବତା ସେ ସକଳ ଶିଳ୍ପର ସ୍ରଷ୍ଟା
ଦୁନିଆ ଆଖିରେ ଅଟନ୍ତି ତ ସିଏ ନବ ନିର୍ମାଣର ଦ୍ରଷ୍ଟା।
ସର୍ବ ଶିଳ୍ପକଳା ତାଙ୍କ ପାଶେ ଠୁଳ କେ ନୁହେଁ ତ ତାଙ୍କ ସରି
ସରଗଧାମର ଅମରାବତୀ ଯେ ତାଙ୍କ ଶ୍ରେଷ୍ଠ କାରିଗରି।
ଦେବଦେବୀଙ୍କର ଅସ୍ତ୍ରଶସ୍ତ୍ର ସାଥେ ରହିଛି ଯେତେ ବିମାନ
ସେସବୁ ଅଟଇ ତାଙ୍କ ସୃଜନର ଅନୁପମ ଉପାଦାନ।
ଗଜ ବାହନରେ କରନ୍ତି ଗମନ ହୋଇ ସେତ ସଜବାଜ
ତାଙ୍କୁ ଭକତିରେ ପୂଜିବା ସଭିଏଁ ଦେଇ ଧୂପ ଦୀପ ଭୋଗ।

**– ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ**
କଣ୍ଟାବଣିଆ, ଛତ୍ରପଡ଼ା, ଯାଜପୁର,

## ବୁଦ୍ଧିଦାତା

ଭାଦ୍ରବ ମାସର ଶୁକ୍ଳ ଚତୁର୍ଥୀ
ଶ୍ରୀଗଣେଶ ପୂଜାଦିନ,
କଇଳାସ ଛାଡ଼ି ଓହ୍ଲାଇ ଆସନ୍ତି
ଚଢ଼ି ମୂଷିକ ବାହନ।
ତାଙ୍କ ଆଗମନେ ଆନନ୍ଦ ମୁଖର
ବିଦ୍ୟାଳୟ, ପାଠଶାଳା,
ଗ୍ରାମରୁ ସହର ଝଲସି ଉଠଇ
ତୋରଣ ଆଲୋକମାଳା।
ଖର୍ବ, ସ୍ଥୂଳ ତନୁ ଗଜେନ୍ଦ୍ର ବଦନ
ବିଦ୍ୟାଦାତା ଶ୍ରୀଗଣେଶ,
ବିଘ୍ନବିନାଶନ ଗଉରୀ ନନ୍ଦନ
ଆୟୁଧ ପାଶ ଅଙ୍କୁଶ।
ଶିବ ପାର୍ବତୀଙ୍କ ଯୋଗ୍ୟତମ ସୁତ
ଦେବତାଙ୍କ ଅଗ୍ରପୂଜ୍ୟ,
ଶ୍ରୀଗଣେଶ ନାମ ଉଚ୍ଚାରଣ କଲେ
ଶୁଭ ହୁଏ ସବୁ କାର୍ଯ୍ୟ।

**– ମାଧବୀଲତା ଦେଇ**
ଶ୍ରୀମୁଖ, ନିମାପଡ଼ା, ପୁରୀ
ମୋ: ୯୬୯୨୪୮୩୩୭୭



କ ବି ତା

## ଗଣେଶ ପୂଜା

ଆଇଲାରେ ଏବେ ଗଣେଶ ପୂଜା
ବିଦ୍ୟାଳୟ ହେଲା ସାଜସଜା।
ନଡ଼ିଆ ଭାଙ୍ଗିବା, ବସ୍ତାନି ପୂଜିବା
ହୋଇବାରେ କେତେ ଖୁସି ମଜା।
କାଗଜ ଝାଲେରି, ଦେବଦାରୁ ଡାଳ
କି ତୋରା ଦିଶଇ ଚାରିଆଡ଼।
ମାଇକି ବାଜଇ, ବାସ ଚହଟଇ
ଧୂପ–ଦୀପ, ଫୁଲ ଚନ୍ଦନରେ।
ପୂଜିବାରେ ପ୍ରଭୁ ଗଣନାଥ
ପୂର୍ଣ୍ଣ ହେବ ସବୁ ମନୋରଥ।
ବରଷକେ ଥରେ ଏ ତିଥି ଆସଇ
ବିଦ୍ୟା, ବୁଦ୍ଧି–ସିଦ୍ଧି କୃପା ମିଳଇ।

**– ଶିବ ପ୍ରସାଦ ରାଉତ**
ବଛଡ଼ା, ଜଗନ୍ନାଥପୁର, ଭଦ୍ରକ
ମୋ: ୮୧୪୪୨୨୮୧୧୫

## ହେ ଗଣେଶ

ହେ ଗଣେଶ ଲମ୍ବୋଦର ଗିରିଜାନନ୍ଦନ
ସର୍ବ ସିଦ୍ଧିଦାତା ପ୍ରଭୁ ଜଗତ ବନ୍ଦନ।
ମାତା ତୁମ ପାରବତୀ ପିତା ମହାଦେବ
ତୁମ ସାଥେ ଏ ଜଗତେ କେବା ସରି ହେବ।
ଶ୍ରେଷ୍ଠ ପିତୃମାତୃ ଭକ୍ତ ଭାବେ ଅଗ୍ରଗଣ୍ୟ
ବିଦ୍ୟାର୍ଥୀ ତୁମ ଆଶିଷେ ହୋଇଥା'ନ୍ତି ଧନ୍ୟ।
ଶୁଭ କାମେ ତୁମ ନାମେ କଳସ ବସଇ
ତୁମ କୃପା ଲଭି ଧରା ଖୁସିରେ ହସଇ।

**– ଜୟନ୍ତ କୁମାର ମଲ୍ଲିକ୍**
ଶୂରଡିହ, ନନ୍ଦିପୁର, ଦଶରଥପୁର,ଯାଜପୁର
ମୋ: ୯୪୩୭୮୬୫୬୨୭

## ନୂଆଖାଇ ପରବ ଓଡ଼ିଆଙ୍କ ଗରବ

ଭାଦ୍ରବ ମାସର ଶୁକ୍ଳ ପଞ୍ଚମୀ ତିଥି
ଘଣ୍ଟଘଣ୍ଟାରେ ଦେବୀପୀଠ ଯାଏ କମ୍ପି।
ହସ ଖୁସି ନେଇ ଆସେ ନୂଆଖାଇ
ଆନନ୍ଦ ଉଲ୍ଲାସେ ପ୍ରତି ପ୍ରାଣ ହସଇ।
ଚାଷୀ ଭାଇ କ୍ଷେତରୁ ଫସଲ ଆଣଇ
ଶରଧାରେ ଦିଏ ଦେବୀ ପୂଜା ପାଇଁ।
ଏକତାର ପର୍ବ ଏ ଗଣ ପରବ
ସମସ୍ତେ ବାଣ୍ଟିବା ଏଠି ମିଠା ମିଠା ହସ।

**– ନଳିନୀ ଦାଶ**
ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ: ୬୩୭୦୦୯୫୨୪୧

## ଏଥରର

- ଏକ ସପ୍ତାହ କେତେ ମିନିଟ୍ ?
- ସୂର୍ଯ୍ୟଙ୍କ ଚାରିପଟେ ପୃଥିବୀ ଘୁରୁଛି ବୋଲି କିଏ ପ୍ରଥମେ କହିଥିଲେ ?
- କିଲିମାଞ୍ଜାରୋ ପର୍ବତ କେଉଁଠାରେ ଅବସ୍ଥିତ ?
- ଚାଇନାର ଜାତୀୟ ପତାକାରେ କେତୋଟି ତାରା ଚିହ୍ନ ଥାଏ ?
- ଆଫ୍ରିକାର ଜାତୀୟ ପତାକାରେ କେତୋଟି ରଙ୍ଗ ଥାଏ ?

## ଗତଥରର ଉତ୍ତର

- ପୂର୍ବ ଆଣ୍ଟାର୍କାଟିକା
- ଧଳା
- ୧୯୧୪
- ଅରୁନ୍ଧତୀ ରାୟ
- ଲୋକୋ ପାଇଲଟ୍

## କହିଲ ଦେଖି

ଭାଦ୍ରବ ମାସର ଚତୁର୍ଥୀ ଦିନ
ପିଲାଏ ହୋଇ କି ଏକଇ ମନ
ବିଦ୍ୟାଳୟେ ନେଇ କରି ସ୍ଥାପନ
କରନ୍ତି ସର୍ବେ ପୂଜନ
ମହା ଆଡ଼ମ୍ବରେ ସର୍ବଜନ ମିଶି
କରୁଥା'ନ୍ତି ଆୟୋଜନ
ଯିଏ କହି ଦେବ ଏପୂଜାର ନାମ
ଅଜ୍ଞାନ ହେବ ତା' ଦୂର।



**ଉତ୍ତର– ଗଣେଶ ଚତୁର୍ଥୀ**

ଚାରିଗୋଡ଼ ତାର ଛୋଟିଆ ଲାଞ୍ଜ
ଖୁସି ହୁଏ ଯେବେ ଆସଇ ସଞ୍ଜ
ଦେହଟି କୋମଳ ଦାନ୍ତ ଧାରୁଆ
କାଟିଦେଇ ଖାଏ ଧାନ ଓଳିଆ
ବିଲେଇ ଦେଖିଲେ ହୁଏ ଛନିଆ
ଗଣେଶଙ୍କ ପ୍ରିୟ ସିଏ
ଯିଏ କହିଦେବ ତାଙ୍କର ନାମଟି
ଅସଲ ବୁଦ୍ଧିଆ ସିଏ ?



**ଉତ୍ତର– ମୂଷା**

ପରବ ଭିତରେ ଏ ବଡ଼ ପର୍ବ
ପଶ୍ଚିମ ଓଡିଶା ବାସୀଙ୍କ ଗର୍ବ
ଦୂର ଦୂରାନ୍ତରୁ ଆସନ୍ତି ଧାଇଁ
ଏଇ ପରବକୁ ପାଳିବା ପାଇଁ
ଭାଇବନ୍ଧୁ ସବୁ ଏକାଠି ହୋଇ
ନୂଆ ଚୁଡ଼ା ଲାଗି ଇଷ୍ଟଙ୍କୁ ଦେଇ
ସୁମରିଥାନ୍ତି ମା'ସମଲେଇ
ପ୍ରସାଦପାଆନ୍ତି ଏକାଠି ହୋଇ
ପାଳନ୍ତି ପରବ ଆନନ୍ଦ ଭରି
କୁହ କିଏ ଏହା ନାମ ବିଚାରି ?



**ଉତ୍ତର– ନୂଆଖାଇ**


**– ଦୀନବନ୍ଧୁ ପୋଇ**
ଗୋରଡ଼ାପାଳ, କରମୂଳ, ଢେଙ୍କାନାଳ

## ଜାଣ ଅଜଣା

### ଦିନରେ ଜଳେ ହେଡ୍ ଲାଇଟ୍

ଏବେ ନୂଆ ମଡେଲ ବାଇକ୍‌ର ହେଡ୍ ଲାଇଟ୍ ଷ୍ଟାର୍ଟ ହେବା ମାତ୍ରେ ଜଳୁଛି। ପୁଣି ଏହି ଲାଇଟ୍‌କୁ ଆପଣ ବନ୍ଦ କରିପାରିବେନି। ଗାଡି ଷ୍ଟାର୍ଟ ଯେତେବେଳେ ବନ୍ଦ ହେବ, ସେତେବେଳେ ଲାଇଟ୍ ବନ୍ଦ ହେବ। ଏହା ପଛରେ କାରଣ କ'ଣ ରହିଛି? ଦିନକୁ ଦିନ ଜନସାଧାରଣ ଯେତେ ସଚେତନ ହେଲେ ମଧ୍ୟ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ବଢ଼ି ଚାଲିଛି। ତେଣୁ ଏହି ସମସ୍ୟାକୁ ରୋକିବା ଲାଗି ସରକାର ଏଭଳି ଅଭିନବ ପ୍ରୟାସ କରିଛନ୍ତି। ବିଶେଷଭାବରେ ବିଏସ-୪ ମଡେଲ ଗାଡିର ହେଡ୍ ଲାଇଟ୍ ଗାଡି ଷ୍ଟାର୍ଟ ହେବା ମାତ୍ରେ (ଦିନରେ ମଧ୍ୟ) ଜଳୁଛି। ହେଡ୍ ଲାଇଟ୍ ଜଳିଲେ ତାହା ସାମନାରୁ ଆସୁଥିବା ଗାଡିକୁ କେତେକାଂଶରେ ସତର୍କ କରାଇ ଦେବ। ଫଳରେ ଦୁର୍ଘଟଣାକୁ ଅନେକାଂଶରେ ରୋକାଯାଇପାରିବ।





### ଫାଟକର ସହର

ଭାରତ ହେଉଛି ବିବିଧତାର ଦେଶ। ଆମ ଦେଶର ଅନେକ ସହର ବିଭିନ୍ନ ନାମରେ ପରିଚିତ। କୌଣସି ସହର ଯଦି କିଛି କାମ ପାଇଁ ଚର୍ଚ୍ଚିତ ହୁଏ ତେବେ ତାହାକୁ ଆହୁରି ପରିଚିତ କରାଇବା ଲାଗି ତାହାର ଉପନାମ ଦିଆଯାଇଥାଏ । ମହାରାଷ୍ଟ୍ରର ଔରଙ୍ଗାବାଦ ସହର 'ଫାଟକର ସହର' (City of Gates) ନାମରେ ପରିଚିତ । ପ୍ରାୟ ୫୦୦ ବର୍ଷ ପୁରୁଣା ଏହି ସହର ମଧ୍ୟକୁ ପ୍ରବେଶ କରିବା ଲାଗି ୫୨ଟି ଫାଟକ ଅତିକ୍ରମ କରିବାକୁ ପଡ଼ିଥାଏ। ସେଠାରେ ଛତ୍ରପତି ଶିବାଜୀ ମହାରାଜ ମ୍ୟୁଜିୟମ୍ ମଧ୍ୟ ଦେଖିବାକୁ ମିଳିବ, ଯେଉଁଠି ତାଙ୍କ ବ୍ୟବହୃତ ଅସ୍ତ୍ରଶସ୍ତ୍ର ରଖାଯାଇଛି। ଶିବାଜୀ ଯୁଦ୍ଧ ସମୟରେ ବ୍ୟବହାର କରିଥିବା ପୁରୁଣା ପୋଷାକ ମଧ୍ୟ ଏଠାରେ ଦେଖିପାରିବେ। କେବଳ ସେତିକି ନୁହେଁ, ମୋଗଲ ସମ୍ରାଟ୍ ଔରଙ୍ଗଜେବ୍‌ଙ୍କ ଦ୍ୱାରା ଲିଖିତ କୋରାନ୍‌ର ଏକ କପିକୁ ମଧ୍ୟ ଏହି ମ୍ୟୁଜିୟମରେ ସଂରକ୍ଷିତ କରି ରଖାଯାଇଛି। ଏହି ସ୍ଥାନଟି ପର୍ଯ୍ୟଟକଙ୍କ ଲାଗି ସବୁବେଳେ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥାଏ। ଯଦି ଆପଣ ମହାରାଷ୍ଟ୍ରର ଦର୍ଶନୀୟ ସ୍ଥାନ ବୁଲୁଛନ୍ତି ତେବେ ଏହି ତାଲିକାରେ ଔରଙ୍ଗାବାଦ ସହରକୁ ସାମିଲ କରିବାକୁ ଭୁଲିବେ ନାହିଁ।



### ତେଲ ପାଣିରେ ଭାସେ କାହିଁକି

ଯେଉଁ ପଦାର୍ଥର ସାନ୍ଦ୍ରତା ବା ଡେନ୍‌ସିଟି ପାଣିର ସାନ୍ଦ୍ରତା ଠାରୁ କମ୍ ତାହା ପାଣିରେ ଭାସିଥାଏ। ଯଦି ଏହାଠାରୁ ସାନ୍ଦ୍ରତା ଅଧିକ ହୁଏ ତେବେ ସେହି ଜିନିଷ ପାଣିରେ ବୁଡ଼ିଯାଏ। ତେବେ ସାନ୍ଦ୍ରତା କ'ଣ ? ଏହା ହେଉଛି କୌଣସି ବସ୍ତୁର ବସ୍ତୁତ୍ୱ ଓ ଆୟତନର ଅନୁପାତ। ତେଲର ସାନ୍ଦ୍ରତା ପାଣିର ସାନ୍ଦ୍ରତା ଠାରୁ କମ୍। ତେଣୁ ଏହା ଜଳରେ ଭାସିଥାଏ। ଜଳର ସାନ୍ଦ୍ରତା ହେଉଛି ଘନମିଟର ପ୍ରତି ୧୦୦୦ କି.ଗ୍ରା ଏବଂ ଅନ୍ୟପକ୍ଷରେ ତେଲର ସାନ୍ଦ୍ରତା ହେଉଛି ଘନମିଟର ପ୍ରତି ୮୦୦ରୁ ୯୭୦ କିଗ୍ରା। ଫଳରେ ତେଲ ଜଳରେ ମିଶି ନ ଥାଏ, କେବଳ ଭାସିଥାଏ। କାରଣ ପାଣି ହେଉଛି ଧ୍ରୁବୀୟ ଅଣୁ ଏବଂ ତେଲ ହେଉଛି ଅଣ-ଧ୍ରୁବୀୟ ଅଣୁ। ତେଣୁ ପାଣି ଓ ତେଲ ଅଣୁ ପରସ୍ପରକୁ ଆକର୍ଷଣ ନ କରି ବିକର୍ଷଣ କରିଥାଆନ୍ତି। ଫଳରେ ପାଣି ଉପରେ ତେଲ ଏକ ପୃଥକ ସ୍ତର ଭାବେ ରହିଥାଏ।

### ରକ୍ତ ବର୍ଷା

ବେଳେବେଳେ ବିଶ୍ୱରେ ଏମିତି କିଛି ଘଟଣା ଘଟିଥାଏ, ଯାହାକୁ କଳ୍ପନା କରିବା ସମ୍ଭବ ହୋଇ ନ ଥାଏ। ହେଲେ କେହି କେବେ ରକ୍ତ ବର୍ଷା ହେବାର ଦେଖିଛନ୍ତି କି? ହୁଏତ ଅନେକେ ଏନେଇ ଆଶ୍ଚର୍ଯ୍ୟ ହୋଇପାରନ୍ତି। ହେଲେ କଥାଟି ସତ। ଏ ବିଷୟରେ ଏଠାରେ ସୂଚନା ଦିଆଯାଉଛି। ଘଟଣାଟି ୨୨ ବର୍ଷ ପୁରୁଣା। ୨୦୦୧ ଜୁଲାଇ ୨୫ରେ ଏଭଳି ଏକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଥିଲା। ତାହା ପୁଣି କେଉଁଠି ଜାଣନ୍ତି? କେରଳର କୋଟ୍ଟାୟମ ଏବଂ ଇଡୁକି ନାମକ ଦୁଇଟି ଜିଲାରେ ଏପରି ବର୍ଷା ହେଉଥିବାର ଦେଖିବାକୁ ମିଳିଥିଲା। ୧୮୯୬ରେ ଶ୍ରୀଲଙ୍କାରେ ବି ଏଭଳି ବର୍ଷା ହୋଇଥିଲା। କିନ୍ତୁ ଏହି ବର୍ଷାର ମାତ୍ରା ବହୁତ କମ୍ ଥିଲା। କିନ୍ତୁ କେରଳର ଦୁଇ ଜିଲାରେ ବର୍ଷା ପରିମାଣ ବହୁତ ଅଧିକ ଥିଲା। କିଛି ଲୋକ ଏହାକୁ ପ୍ରଳୟର ସଂକେତ ବୋଲି ମତ ଦେଇଥିଲେ। ତେବେ ଅନ୍ୟ କେତେକ ଲୋକ ଏହାକୁ ଏଲିୟନ୍ ସହ ଯୋଡ଼ିଥିଲେ। କିନ୍ତୁ ଟ୍ରପିକାଲ ବଟାନିକାଲ ଗାର୍ଡେନ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ର ବୈଜ୍ଞାନିକଙ୍କ ମତରେ - ବେଳେବେଳେ ଏକ ଖାସ୍ ପ୍ରକାରର ଶୈବାଳ ମେଘମାଳାରେ ବିଶାଳସ୍ଥାନ ଅଧିକାର କରିଥାଏ। ଏହାଫଳରେ ପାଣିର ରଙ୍ଗ ପରିବର୍ତ୍ତନ ଘଟି ଲାଲ ହୋଇଯାଏ। ଏହି ବର୍ଷା ଯେବେ ଭୂମିରେ ପଡେ ତାହାକୁ 'ରକ୍ତବର୍ଷା' କୁହନ୍ତି।



# ଆ ଇ ନା

ସୂର୍ଯ୍ୟାଂଶୁ ରାଜ
୪ ବର୍ଷ, ଭୁବନେଶ୍ୱର





ଆୟୁଷ କୁମାର ଦାସ
୭ ବର୍ଷ, ବଲାଙ୍ଗୀର